# NATIONAL NEWS BULLETIN (ODIA)
## 11th October - 2026
## Morning Bulletin : 7.15 a.m.

*******************************

ଆକାଶବାଣୀ..... ସମ୍ବାଦ ପଢ଼ୁଛନ୍ତି..... **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ଚେନ୍ନାଇ ଗସ୍ତକରି ଆଜି ୧୩ ହଜାର କୋଟିରୁ ଅଧିକ ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।

- ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନାକୁ ଆଜି ପୂରଣ ହୋଇଛି ଏକବର୍ଷ ।

— ୧୦୦ଟି ଆକାଂକ୍ଷୀ ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି ବିକାଶମୂଳକ ଯୋଜନା ।

- ବାରାଣସୀ ସମେତ ଦେଶର ବିଭିନ୍ନ ସ୍ଥାନରେ ଆଜି ଅନୁଷ୍ଠିତ ହେଉଛି ଫିଟ୍ ଇଣ୍ଡିଆ ସଣ୍ଡେଜ୍ ଅନ୍ ସାଇକେଲ୍‌ର ୯୪ତମ ସଂସ୍କରଣ ।

- ଦିଲ୍ଲୀ ଘଟଣାକୁ ନେଇ ଜାତିସଂଘ ମାନବାଧିକାର ଉଚ୍ଚାୟୁକ୍ତଙ୍କ ଉଦ୍‌ବେଗକୁ ଅନାବଶ୍ୟକ ବୋଲି କହିଲା ଭାରତ ।

ଏବଂ

- ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଆଜି ଅନୁଷ୍ଠିତ ହେବ ଟି-ଟ୍ୱେଣ୍ଟି ଅନ୍ତର୍ଜାତୀୟ କ୍ରିକେଟ୍ ସିରିଜ୍‌ର ତୃତୀୟ ମ୍ୟାଚ୍ ।

## ପି.ଏମ୍. - ଚେନ୍ନାଇ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଚେନ୍ନାଇରେ ୧୩ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିବେ। ଏଥିରେ ମେଟ୍ରୋ ରେଳ, ରେଳବାଇ, ଜାତୀୟ ରାଜପଥ, ବନ୍ଦର ଭିତ୍ତିଭୂମି ଓ ବୈଜ୍ଞାନିକ ଗବେଷଣା ସମ୍ପର୍କିତ ପ୍ରକଳ୍ପ ସାମିଲ ରହିଛି।

ଚେନ୍ନାଇରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ ପ୍ରାୟ ୪ ହଜାର ୯୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଚେନ୍ନାଇ ମେଟ୍ରୋ ରେଳ ପ୍ରକଳ୍ପର ସେବା ଉଦ୍‌ଘାଟନ କରିବେ। ଏହାପରେ ସେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଜୋସେଫ୍ ବିଜୟଙ୍କ ସହ ମେଟ୍ରୋ ଟ୍ରେନ୍‌ରେ ଯାତ୍ରା କରିବେ। ଏହି ମାର୍ଗରେ ୩ ଦଶମିକ ୭ କିଲୋମିଟର ଦୀର୍ଘ ଦ୍ୱିସ୍ତରୀୟ ଢାଞ୍ଚା ରହିଛି। ଏଥିରେ ଅତ୍ୟାଧୁନିକ ସିଗ୍‌ନାଲ୍ ବ୍ୟବସ୍ଥା ରହିଛି, ଯାହା ଚାଳକବିହୀନ ଟ୍ରେନ୍ ଚଳାଚଳରେ ସହାୟକ ହୋଇପାରିବ ।

ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ୭୫୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ରେଳବାଇ ଭିତ୍ତିଭୂମି ପ୍ରକଳ୍ପର ଉଦ୍‌ଘାଟନ ଓ ଲୋକାର୍ପଣ କରିବେ।

ଅମୃତ ଭାରତ ଷ୍ଟେସନ୍ ଯୋଜନାରେ ପୁନର୍ବିକଶିତ ପାଲାନି, ଭେଲୋର କ୍ୟାଣ୍ଟନମେଣ୍ଟ, ଅମ୍ବାସମୁଦ୍ରମ୍, ପରମାକୁଡି ଓ ନାମକ୍କଲ୍ ରେଳ ଷ୍ଟେସନ୍‌ର ଲୋକାର୍ପଣ କରାଯିବ।

ଏହାସହ ପ୍ରଧାନମନ୍ତ୍ରୀ ସାଲେମ୍, ମଦୁରାଇ ଓ ନାଗପଟ୍ଟିନମ୍‌ରେ ଜାତୀୟ ରାଜପଥ ପ୍ରକଳ୍ପଗୁଡ଼ିକର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ । ଶ୍ରୀ ମୋଦି ଚେନ୍ନାଇ ପେଟ୍ରୋଲିୟମ୍ କର୍ପୋରେସନ୍ ଲିମିଟେଡ୍‌ର ମନାଲି ତୈଳ ବିଶୋଧନାଗାରରେ ଲୁବ୍ ଅଏଲ୍ ବେସ୍ ଷ୍ଟକ୍ସ ପ୍ରକଳ୍ପର ମଧ୍ୟ ଶିଳାନ୍ୟାସ କରିବେ।

ବନ୍ଦର ଭିତ୍ତିଭୂମିର ବିକାଶ ପାଇଁ କାମରାଜର ବନ୍ଦରରେ ଅତିରିକ୍ତ କୋଇଲା ବର୍ଥ ପ୍ରକଳ୍ପର ଉଦ୍‌ଘାଟନ କରିବା ସହ ଅତିରିକ୍ତ କଣ୍ଟେନର ଟର୍ମିନାଲ୍ ପାଇଁ ଡ୍ରେଜିଂ କାର୍ଯ୍ୟର ଶିଳାନ୍ୟାସ କରିବେ।

ବିଜ୍ଞାନ ଓ ଗବେଷଣା କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ଆଇଆଇଟି ମାଡ୍ରାସ୍‌ରେ ସୁଧା ଗୋପାଲକୃଷ୍ଣନ୍ ବ୍ରେନ୍ ସେଣ୍ଟରକୁ ଦେଶ ପାଇଁ ଉତ୍ସର୍ଗ କରିବେ। ଏହି କେନ୍ଦ୍ରରେ ଗର୍ଭସ୍ଥ ଶିଶୁ ଅବସ୍ଥାରୁ ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ମାନବ ମସ୍ତିଷ୍କର ବିକାଶକୁ କୋଷସ୍ତରରେ ଥ୍ରୀ ଡାଇମେନ୍‌ସନ୍ ମାନଚିତ୍ର ଜରିଆରେ ଅଧ୍ୟୟନ କରିବା ଲକ୍ଷ୍ୟ ରହିଛି। ଏହି ପ୍ରକଳ୍ପରେ ୧୦୦ରୁ ଅଧିକ ମାନବ ମସ୍ତିଷ୍କର ମାନଚିତ୍ର ପ୍ରସ୍ତୁତ କରାଯିବ।

ଚେନ୍ନାଇ ଗସ୍ତକାଳରେ ପ୍ରଧାନମନ୍ତ୍ରୀ ପୋରୁର ହ୍ରଦ ନିକଟସ୍ଥ ଜଲକଣ୍ଠେଶ୍ୱର ମନ୍ଦିରରେ ଦର୍ଶନ ଓ ପୂଜା କରିବେ। ପରେ ସେ ଚେନ୍ନାଇର ଜୟଗୋପାଳ ଗାରୋଡ଼ିଆ ହିନ୍ଦୁ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ପି.ଏମ୍. ଧନଧାନ୍ୟ କୃଷି ଯୋଜନା

ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନାକୁ ଆଜି ଏକ ବର୍ଷ ପୂରଣ ହୋଇଛି। ଦେଶର ୧୦୦ଟି ଆକାଂକ୍ଷୀ କୃଷି ଜିଲ୍ଲାରେ କୃଷି କ୍ଷେତ୍ରକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଗତବର୍ଷ ଅକ୍ଟୋବର ୧୧ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଯୋଜନାର ଶୁଭାରମ୍ଭ କରିଥିଲେ :

***Voice (PM - Dhanadhanya)*** :.........

ଛଅ ବର୍ଷିଆ ଏହି ଯୋଜନାରେ ୧୧ଟି ମନ୍ତ୍ରଣାଳୟ ଓ ବିଭାଗର ୩୬ଟି କେନ୍ଦ୍ରୀୟ ଯୋଜନାକୁ ସମନ୍ୱିତ କରାଯାଇଛି। ଏଥିରେ ରାଜ୍ୟ ସରକାରଙ୍କ ଯୋଜନା ସହ ଘରୋଇ କ୍ଷେତ୍ରର ଅଂଶଗ୍ରହଣକୁ ମଧ୍ୟ ସାମିଲ କରାଯାଇଛି। ଜିଲ୍ଲାଭିତ୍ତିକ କୃଷି ଆବଶ୍ୟକତା ଅନୁସାରେ ବିକାଶମୂଳକ ପଦକ୍ଷେପ ଗ୍ରହଣ ଏହାର ଉଦ୍ଦେଶ୍ୟ।

କୃଷି ଉତ୍ପାଦକତା ବୃଦ୍ଧି, ଜଳସେଚନ ସୁବିଧାର ସମ୍ପ୍ରସାରଣ, କୃଷି ଋଣର ସୁଲଭ ଉପଲବ୍ଧତା ଏବଂ ଅମଳ ପରବର୍ତ୍ତୀ ଭିତ୍ତିଭୂମିର ବିକାଶ ଉପରେ ଏହି

ଯୋଜନାରେ ଗୁରୁତ୍ୱ ଦିଆଯାଇଛି। ଜିଲ୍ଲା, ରାଜ୍ୟ ଓ ଜାତୀୟ ସ୍ତରରେ ତିନିସ୍ତରୀୟ ବ୍ୟବସ୍ଥା ମାଧ୍ୟମରେ ଯୋଜନାର କାର୍ଯ୍ୟକାରିତା ଓ ଅଗ୍ରଗତି ତଦାରଖ କରାଯାଉଛି। ଏଥିପାଇଁ ୩୬ଟି କେନ୍ଦ୍ରୀୟ ଯୋଜନା ଅଧୀନରେ ୧୨୧ଟି ସୂଚକାଙ୍କ ଆଧାରରେ ଅଗ୍ରଗତି ନିରୀକ୍ଷଣ କରାଯାଉଛି।

ଯୋଜନାର ପ୍ରଥମ ବର୍ଷରେ ସମସ୍ତ ୧୦୦ଟି ଆକାଂକ୍ଷୀ ଜିଲ୍ଲାରେ ଯୋଜନା କାର୍ଯ୍ୟକାରୀ ହୋଇଛି । ଏହି ଜିଲ୍ଲାଗୁଡ଼ିକର ହାରାହାରି ପ୍ରଦର୍ଶନ ଚଳିତବର୍ଷ ଏପ୍ରିଲ ସୁଦ୍ଧା ୧୮ ଦଶମିକ ୮/୫ ପ୍ରତିଶତ ଥିବାବେଳେ ଅଗଷ୍ଟରେ ଏହା ବୃଦ୍ଧି ପାଇ ୪୬ ଦଶମିକ ୮/୯ ପ୍ରତିଶତରେ ପହଞ୍ଚିଛି।

## ସଣ୍ଡେଜ୍ ଅନ୍ ସାଇକେଲ୍

ଫିଟ୍ ଇଣ୍ଡିଆ ‘ସଣ୍ଡେଜ୍ ଅନ୍ ସାଇକେଲ୍’ର ୯୪ତମ ସଂସ୍କରଣ ଆଜି ବାରାଣସୀରେ ଅନୁଷ୍ଠିତ ହେଉଛି । ସକାଳ ୬ଟାରୁ ନମୋ ଘାଟରୁ ସମ୍ପୂର୍ଣ୍ଣାନନ୍ଦ ସଂସ୍କୃତ ବିଶ୍ୱବିଦ୍ୟାଳୟର ଦୀକ୍ଷା ମଣ୍ଡପ ପର୍ଯ୍ୟନ୍ତ ସାଇକେଲ ଯାତ୍ରା ଆୟୋଜନ କରାଯାଇଛି । ‘ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବପିଢ଼ି’ ବିଷୟବସ୍ତୁକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୁବପିଢ଼ି, ସାଇକେଲ ଚାଳକ, ଫିଟ୍‌ନେସ୍‌ପ୍ରେମୀ ଓ କ୍ରୀଡ଼ାବିତ୍‌ମାନେ ଯୋଗଦେଇଛନ୍ତି । ଯୁବପିଢ଼ିଙ୍କୁ ନିଶା ସେବନଠାରୁ ଦୂରେଇ ରଖିବା ସହ ନିୟମିତ ବ୍ୟାୟାମ ଓ ସୁସ୍ଥ ଜୀବନଶୈଳୀ ଆପଣାଇବା ପାଇଁ ଉତ୍ସାହିତ କରିବା ଏହାର ଉଦ୍ଦେଶ୍ୟ।

କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ସାଇକ୍ଲିଂ ଫେଡେରେସନ୍ ଅଫ୍ ଇଣ୍ଡିଆ, ରାହଗିରି ଫାଉଣ୍ଡେସନ୍ ଓ ମାଇଁ ଭାରତ ସହଯୋଗରେ ଏହି ଅଭିଯାନ ଆୟୋଜନ କରାଯାଇଛି। ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସହିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣର ଆଞ୍ଚଳିକ କେନ୍ଦ୍ର, ଜାତୀୟ ଉତ୍କର୍ଷ କେନ୍ଦ୍ର, ପ୍ରଶିକ୍ଷଣ କେନ୍ଦ୍ର ଏବଂ ଖେଲୋ ଇଣ୍ଡିଆ କେନ୍ଦ୍ରଗୁଡ଼ିକରେ ମଧ୍ୟ ଏକକାଳୀନ ସାଇକେଲ ଯାତ୍ରା ଆୟୋଜନ କରାଯାଇଛି ।

## ଏମ୍.ଇ.ଏ. - ଓ.ଏଚ୍.ସି.ଏଚ୍.ଆର୍.

ଦିଲ୍ଲୀରେ ଗତକାଲି ଘଟିଥିବା ଘଟଣାକୁ ନେଇ ଜାତିସଂଘର ମାନବାଧିକାର ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟର ଉଦ୍‌ବେଗକୁ ଭାରତ ଯଥାର୍ଥ ନୁହେଁ ବୋଲି କହିବା ସହ ଏହା ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ଅନାବଶ୍ୟକ ହସ୍ତକ୍ଷେପ ବୋଲି କହିଛି।

ଜେନେଭାସ୍ଥିତ ଜାତିସଂଘରେ ଭାରତର ସ୍ଥାୟୀ ମିଶନ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି, ନିରପେକ୍ଷତା ଓ ପକ୍ଷପାତଶୂନ୍ୟତାର ନିଜସ୍ୱ ନୀତି ଅନୁଯାୟୀ ଅନ୍ୟ ସ୍ଥାନରେ ହେଉଥିବା ବ୍ୟାପକ ବିକ୍ଷୋଭ ପ୍ରତି ମଧ୍ୟ ଧ୍ୟାନ ଦିଆଯିବା ଉଚିତ। ଦେଶର ସମ୍ବିଧାନ ଶାନ୍ତିପୂର୍ଣ୍ଣ ସମାବେଶର ଅଧିକାର ସୁନିଶ୍ଚିତ କରିଛି ବୋଲି ମିଶନ ପକ୍ଷରୁ କୁହାଯାଇଛି ।

ଅନ୍ୟ ଗଣତନ୍ତ୍ରଗୁଡ଼ିକ ଭଳି ଭାରତରେ ମଧ୍ୟ ଜନସାଧାରଣ ସାର୍ବଜନୀନ ଶାନ୍ତିଶୃଙ୍ଖଳା ରକ୍ଷା ଉଦ୍ଦେଶ୍ୟରେ ଲାଗୁ ହୋଇଥିବା ଯୁକ୍ତିଯୁକ୍ତ କଟକଣା ଅଧୀନରେ ଏହି ଅଧିକାରର ପ୍ରୟୋଗ କରୁଛନ୍ତି। କର୍ତ୍ତୃପକ୍ଷ ଆଇନ ଅନୁଯାୟୀ କାର୍ଯ୍ୟ କରୁଥିବାବେଳେ ଅଭିଯୋଗର ପ୍ରତିକାର ପାଇଁ ନ୍ୟାୟାଳୟର ଦ୍ୱାର ସମସ୍ତଙ୍କ ପାଇଁ ଖୋଲା ରହିଛି ବୋଲି ବିବୃତିରେ କୁହାଯାଇଛି।

## ସାଉଦି ଆଟାକ୍

ସାଉଦି ଆରବର ରାଜଧାନୀ ରିୟାଦ୍‌ରେ ଥିବା ବିମାନବନ୍ଦର ଉପରେ ପୁଣି ଆକ୍ରମଣ କରାଯାଇଛି। କ୍ଷେପଣାସ୍ତ୍ର ଆକ୍ରମଣରେ ବିମାନବନ୍ଦରର ଘରୋଇ ବିମାନ ଚଳାଚଳ ପାଇଁ ଉଦ୍ଦିଷ୍ଟ ଟର୍ମିନାଲ୍ ୩ ଓ ୪ ଥିବା କୋଠା ପରିସର କ୍ଷତିଗ୍ରସ୍ତ ହୋଇଥିବାବେଳେ ଅନେକ ଲୋକ ଆହତ ହୋଇଛନ୍ତି।

ଏହି ପରିପ୍ରେକ୍ଷୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ପଡ଼ୋଶୀ ୟେମେନ୍‌ରେ ଇରାନ୍ ସମର୍ଥିତ ହୁତି ବିଦ୍ରୋହୀଙ୍କ ବିରୋଧରେ ସାଉଦି ଆରବର ଆକ୍ରମଣରେ ଆମେରିକା ସାମିଲ ହେବ କି ନାହିଁ, ସେ ନେଇ ବିଚାର କରାଯାଉଛି। ହୁତି ବିଦ୍ରୋହୀମାନେ ଚଳିତ ସପ୍ତାହରେ କିଙ୍ଗ୍ ଖାଲିଦ୍ ଅନ୍ତର୍ଜାତୀୟ ବିମାନବନ୍ଦର ସମେତ ସାଉଦି ଆରବର ଅନ୍ୟ ବିମାନବନ୍ଦର, ସାମରିକ ପ୍ରତିଷ୍ଠାନ ଓ ତୈଳ ଭିତ୍ତିଭୂମି ଉପରେ ହୋଇଥିବା ଆକ୍ରମଣ କରିଥିବା ସ୍ୱୀକାର କରିଛନ୍ତି।

ଗତ ସପ୍ତାହରେ ସାଉଦି ଆରବ ନେତୃତ୍ୱାଧୀନ ମେଣ୍ଟ ହୁତି ବିଦ୍ରୋହୀଙ୍କ ବିରୋଧରେ ବଡ଼ଧରଣର ସାମରିକ ଅଭିଯାନ ଆରମ୍ଭ କରିବା ପରଠାରୁ ଆକ୍ରମଣ ବୃଦ୍ଧି ପାଇଛି ।

ବିଶ୍ୱର ସର୍ବବୃହତ୍ ତୈଳ ରପ୍ତାନିକାରୀ ଦେଶ ସାଉଦି ଆରବର ବିମାନବନ୍ଦର, ସାମରିକ ପ୍ରତିଷ୍ଠାନ ଓ ତୈଳ ଭିତ୍ତିଭୂମି ଉପରେ ଆକ୍ରମଣ ଯୋଗୁଁ ଆଞ୍ଚଳିକ ସୁରକ୍ଷା ସହ ବିଶ୍ୱ ବଜାରରେ ମଧ୍ୟ ଅସ୍ଥିରତା ଦେଖାଦେଇଛି।

ଅନ୍ୟପକ୍ଷରେ, ଲୋହିତ ସାଗର ଉପକୂଳରେ ହୁତି ବିଦ୍ରୋହୀ ଓ ସାଉଦି ସମର୍ଥିତ ୟେମେନ୍ ସରକାରୀ ସୁରକ୍ଷା ବାହିନୀ ମଧ୍ୟରେ ସଂଘର୍ଷ ତୀବ୍ର ହୋଇଛି।

## ସେବା ସଂକଳ୍ପ - ଆତ୍ମନିର୍ଭର ଭାରତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ବଜନୀନ ଜୀବନରେ ୨୫ ବର୍ଷ ପୂରଣ କରିଛନ୍ତି। 'ଜନସେବାରୁ ଦେଶସେବା' ମନ୍ତ୍ରକୁ ଆଧାର କରି ତାଙ୍କର ଏହି ଜୟଯାତ୍ରା ଜାରି ରହିଛି। 'ସେବା ଓ ସୁଶାସନ'ର ଏହି ଦୃଷ୍ଟିକୋଣକୁ ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ ଦିଗରେ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ସମାବେଶୀ ବିକାଶ ଓ ସାମାଜିକ ସଶକ୍ତିକରଣ ମାଧ୍ୟମରେ ଏହି ପ୍ରୟାସ ଜନଜୀବନରେ ପରିବର୍ତ୍ତନ ଆଣିଛି। ଆମର ଏହି

ବିଶେଷ ଶୃଙ୍ଖଳାରେ ଆଜି ଆମେ ଆପଣମାନଙ୍କୁ 'ଆତ୍ମନିର୍ଭର ଭାରତ' ସମ୍ପର୍କରେ ସୂଚନା ପ୍ରଦାନ କରୁଛୁ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆତ୍ମନିର୍ଭର ଭାରତର ପରିକଳ୍ପନା ଦେଶକୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ସହ ବିଶ୍ୱ ଉତ୍ପାଦନ କ୍ଷେତ୍ରରେ ଭାରତର ଭାଗୀଦାରି ବୃଦ୍ଧି ଉପରେ ଗୁରୁତ୍ୱ ଦେଉଛି। ଏହି ଲକ୍ଷ୍ୟ ହାସଲ ପାଇଁ ସରକାର 'ମେକ୍ ଇନ୍ ଇଣ୍ଡିଆ', ଉତ୍ପାଦନଭିତ୍ତିକ ପ୍ରୋତ୍ସାହନ ଯୋଜନା ଏବଂ ଦେଶୀୟ ଶିଳ୍ପର ବିକାଶ ଭଳି ପଦକ୍ଷେପ ନେଇଛନ୍ତି।

ଆତ୍ମନିର୍ଭରତାର ଅର୍ଥ ବିଶ୍ୱଠାରୁ ଦୂରେଇ ରହିବା ନୁହେଁ, ବରଂ ନିଜର ଉତ୍ପାଦନ କ୍ଷମତା ବୃଦ୍ଧି କରି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ସକ୍ଷମ ହେବା। ପ୍ରତିରକ୍ଷା, ଔଷଧ ଉତ୍ପାଦନ, ସେମିକଣ୍ଡକ୍ଟର, ସୌରଶକ୍ତି ଓ ଇଲେକ୍ଟ୍ରୋନିକ୍ସ ଭଳି ରଣନୈତିକ କ୍ଷେତ୍ରରେ ଦେଶୀୟ ଉତ୍ପାଦନକୁ ଏହି ଅଭିଯାନରେ ପ୍ରାଥମିକତା ଦିଆଯାଇଛି।

ଉତ୍ପାଦନଭିତ୍ତିକ ପ୍ରୋତ୍ସାହନ ଯୋଜନା - PLI ଜରିଆରେ ଶିଳ୍ପ ସଂସ୍ଥାଗୁଡ଼ିକୁ ଉତ୍ପାଦନ ବୃଦ୍ଧି ଆଧାରରେ ପ୍ରୋତ୍ସାହନ ଦିଆଯାଉଛି। ସରକାରୀ ତଥ୍ୟ ଅନୁଯାୟୀ, ୨୦୨୫ ଡିସେମ୍ବର ୩୧ ସୁଦ୍ଧା ଏହି ଯୋଜନାରେ ୨ ଲକ୍ଷ ୧୬ ହଜାର କୋଟି ଟଙ୍କାରୁ ଅଧିକ ନିବେଶ ହୋଇଥିବା ବେଳେ ଉତ୍ପାଦନ ଓ ବିକ୍ରିରେ ୨୦ ଲକ୍ଷ ୪୧ ହଜାର କୋଟି ଟଙ୍କାରୁ ଅଧିକ ଅଭିବୃଦ୍ଧି ରେକର୍ଡ କରାଯାଇଛି। ଏହି ଯୋଜନା ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୧୪ ଲକ୍ଷ ୩୯ ହଜାରରୁ ଅଧିକ ନିଯୁକ୍ତି ସୃଷ୍ଟି ହୋଇଛି। ପ୍ରତିରକ୍ଷା କ୍ଷେତ୍ରରେ ମଧ୍ୟ

ସ୍ୱଦେଶୀ ଉତ୍ପାଦନ ଓ ରପ୍ତାନି ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଛି। ସେହିପରି ମୋବାଇଲ୍ ଫୋନ୍ ଓ ଅନ୍ୟ ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦନରେ ଦେଶୀୟ କ୍ଷମତା ବୃଦ୍ଧି ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି।

ପ୍ରଧାନମନ୍ତ୍ରୀ ମୋଦୀ 'ଭୋକାଲ୍ ଫର୍ ଲୋକାଲ୍' ଆହ୍ୱାନ ଜରିଆରେ ସ୍ୱଦେଶୀ ଉତ୍ପାଦ କିଣିବା ଓ ବ୍ୟବହାର କରିବାକୁ ମଧ୍ୟ ଗୁରୁତ୍ୱ ଦେଇଆସିଛନ୍ତି। ଏହା ଦେଶର କ୍ଷୁଦ୍ର ଉଦ୍ୟୋଗ, ଉଦ୍ୟୋଗୀ ଓ ସ୍ଥାନୀୟ ଉତ୍ପାଦକଙ୍କୁ ପ୍ରୋତ୍ସାହିତ କରିବାର ଏକ ଉଦ୍ୟମ ବୋଲି ଶ୍ରୀ ମୋଦୀ କହିଛନ୍ତି...

***Voice (PM)*** :.........

ଆତ୍ମନିର୍ଭର ଭାରତର ମୂଳ ଲକ୍ଷ୍ୟ ହେଉଛି ଆମଦାନୀ ନିର୍ଭରଶୀଳତା ହ୍ରାସ, ଦେଶୀୟ ଉତ୍ପାଦନ କ୍ଷମତା ବୃଦ୍ଧି ଏବଂ ଭାରତୀୟ ଶିଳ୍ପକୁ ବିଶ୍ୱସ୍ତରରେ ପ୍ରତିଯୋଗିତାକ୍ଷମ କରିବା। ଏହି ଆଭିମୁଖ୍ୟକୁ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ବ୍ୟାପକ ଲକ୍ଷ୍ୟ ସହ ଯୋଡ଼ାଯାଇଛି।

# କ୍ରିକେଟ୍

ଟି-ଟ୍ୱେଣ୍ଟି ଅନ୍ତର୍ଜାତୀୟ କ୍ରିକେଟ୍ ସିରିଜ୍‌ର ଆଜି ତୃତୀୟ ମ୍ୟାଚ୍ ଇନ୍ଦୋରର ହୋଲକର ଷ୍ଟାଡିୟମ୍‌ରେ ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଖେଳାଯିବ। ଏହି ମ୍ୟାଚ୍ ସନ୍ଧ୍ୟା ୭ଟାରେ ଆରମ୍ଭ ହେବ। ପାଞ୍ଚଟି ମ୍ୟାଚ୍

ବିଶିଷ୍ଟ ଶୃଙ୍ଖଳାରେ ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ସମାନ ସ୍ଥିତିରେ ରହିଛନ୍ତି।

ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ଭାରତକୁ ୬ ୱିକେଟ୍‌ରେ ପରାସ୍ତ କରିଥିବାବେଳେ ପ୍ରଥମ ମ୍ୟାଚ୍‌ରେ ଭାରତ ୮ ୱିକେଟ୍‌ରେ ବିଜୟୀ ହୋଇଥିଲା ।

## ଇଣ୍ଡିଆନ୍ ସୁପର ଲିଗ୍

ଇଣ୍ଡିଆନ୍ ସୁପର ଲିଗ୍ ଫୁଟବଲ୍ ପ୍ରତିଯୋଗିତାରେ ବେଙ୍ଗାଲୁରୁ ଫୁଟବଲ୍ କ୍ଲବ୍ ୩-୨ ଗୋଲ୍‌ରେ ସ୍ପୋର୍ଟିଂ କ୍ଲବ୍ ଦିଲ୍ଲୀକୁ ପରାସ୍ତ କରିଛି। ବେଙ୍ଗାଲୁରୁର ଶ୍ରୀ କାନ୍ତୀରବା ଷ୍ଟାଡିୟମ୍‌ରେ ଗତକାଲି ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍‌ରେ ଏଫ୍‌ସି ଗୋଆ ଓ ଚେନ୍ନାଇନ୍ ଫୁଟବଲ୍ କ୍ଲବ୍ ମଧ୍ୟରେ ୧-୧ ଗୋଲ୍‌ରେ ଖେଳ ଅମୀମାଂସିତ ରହିଛି।

*****